# "ଡାକ୍ତର କହିଥିଲା ବାହାଘର ପରେ ସବୁ ଠିକ୍ ହୋଇଯିବ" !

ମୋର ନାମ ପ୍ରଭାତ କୁମାର ମଲ୍ଲିକ (ଛଦ୍ମନାମ) । ମୋର ଭାଇର ନାମ ସନ୍ତୋଷ କୁମାର ମଲ୍ଲିକ (ଛଦ୍ମନାମ) । ଘର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲ୍ଲାରେ । ଆମେ ଦୁଇ ଭାଇ ଓ ଚାରି ଭଉଣୀ । ସେଥିରୁ ତିନି ଭଉଣୀ ବିବାହିତ ହୋଇଥିବାବେଳେ ଘରେ ଆଉ ଜଣିଏ ସାନ ଭଉଣୀ ଅବିବାହିତ ହୋଇ ରହିଛି । ଆମ ଗାଁର ଆମଠୁଁ ଦୁଇ ଘର ଛଡ଼ା ସମ୍ପର୍କରେ ଭାଉଜଙ୍କ ମଧ୍ୟସ୍ଥତାରେ ଗାଁ ଠାରୁ ମାତ୍ର ସାତ ଆଠ କି.ମି. ଦୂରତାରେ ଭାଇର ବିବାହ ଗତ ତା- ୦୭-୧୨-୨୦୧୪ରିଖରେ ହୋଇଥିଲା । ଝିଅର ବାପା ଫରିଦାବାଦ୍‌ରେ ଚାକିରୀ କରିଥିବାରୁ ଝିଅର ମାମୁଁଘରେ ବିବାହ ସମ୍ପର୍ଣ୍ଣ ହୋଇଥିଲା । ବାହାଘର ପରଠାରୁ ସର୍ବଦା ବୋହୁ ଆଲୁଅକୁ ଦେଖିଲେ ଡରିବା, ସର୍ବଦା ମୁଁହ ପୋତି ବସିବା ଓ ଶୋଇ ରହିବା ଭଳି ରୋଗ ପରିଲକ୍ଷିତ ହେଲା । ଏହାପରେ ବୋହୁର ମା'ଙ୍କୁ ଏବିଷୟରେ ପଚାରିବାରୁ ସେ କହିଲେ, ନୂଆ ହୋଇ ଆପଣଙ୍କ ଘରକୁ ଯାଇଛି । ଆମ ଘରେ ଥିଲାବେଳେ ସେ ବେଶି ବୁଲାବୁଲି କରେ ନାହିଁ । ଟିକେ ଲାଜରେ ଏଭଳି ହେଉଥିବ । ପର ମୁହୂର୍ତ୍ତରେ ସେ ନିଶ୍ଚିତ ଠିକ୍ ହୋଇଯିବ । ମାତ୍ର ସେ ଖାଇବା ପିଇବା କମାଇ ଦେବାରୁ ଭାଇର ଶ୍ୱଶୁର ଏବଂ ଶାଶୁଙ୍କୁ ଘରକୁ ଡକାଇଲୁ । ସେମାନେ ଆମକୁ କହିଲେ କିଛିଦିନ ପାଇଁ ସେ ତାକୁ ସାଙ୍ଗରେ ନେଇଯାଉଛନ୍ତି । ପୁଣି ଆଣି ଛାଡ଼ି ଦେବେ । ଏହାର ଠିକ୍ ମାସେ ପରେ ଭାଇ ଯାଇ ତା'ର ସ୍ତ୍ରୀକୁ ନେଇ ଆସିଲା । ମାତ୍ର କେଇଦିନ ପରେ ପୁଣି ଯାହାକୁ ସେଇଆ । ଏକଥା ପରେ ଆମେ ଡାକ୍ତର ଦେଖାଇବା କଥା କହିବାରୁ ବୋହୁ ସିଧା ସିଧା ମନା କଲା ଏବଂ କହିଲା ମୁଁ ପାଗଳି ନୁହେଁ । ସବୁବେଳେ ପାଗଳି କହି କହି ମୋତେ ପାଗଳି କରାଇ ସାରିଲେଣି । "ଡାକ୍ତର କହିଥିଲା ବାହାଘର ପରେ ସବୁ ଠିକ୍ ହୋଇଯିବ" । କାହିଁ କିଛି ଠିକ୍ ତ ହେଲା ନାହିଁ । ସେଥ ୍ରେ ମୋର କ'ଣ ଭୁଲ । ଏ କଥା ଶୁଣିଲା ପରେ ଆମ ଘର ଲୋକଙ୍କର ପାଦତଳ ମାଟି ଖସି ଯାଇଥିଲା । ତାଙ୍କର ମାମୁଁଙ୍କୁ ଡାକି ଭଦ୍ରଲୋକଙ୍କ ଉପସ୍ଥିତିରେ ଜଣାଇଲୁ । ମାତ୍ର ଫଳ କିଛି ମିଳିଲା ନାହିଁ । ଏହାର କିଛି ଦିନ ପରେ ଭାଇର ଶାଶୁ ଆସି ଗାଁର ଭଦ୍ରଲୋକଙ୍କ ଉପସ୍ଥିତିରେ ଝିଅର ଚିକିତ୍ସା କରାଇ ଆଣି ଛାଡ଼ିଦେବେ ବୋଲି କହି ଭଦ୍ରଲୋକଙ୍କ ଉପସ୍ଥିତିରେ ଲେଖିକରି ବୋହୁକୁ ନେଇଗଲେ । ମାତ୍ର ସେମାନେଯାଇ ଫରିଦାବାଦ୍ ଥାନାରେ ଆମ ନାମରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ କରାଇଛନ୍ତି ଏବଂ ଆମକୁ କହୁଛନ୍ତି ଯେ, ଯଦି ଭଲଦସା ଅଛି ୧୨ ଲକ୍ଷ ଟଙ୍କା ଦେଇ କେସ୍ ସମାଧାନ କର । ନତୁବା ଘରେ ବିଲୁଆ ଡିଆଇଁ ଦେବୁ । ଗୋଟିଏ ପଟରେ ଆମେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ୍ ଅନ୍ୟପଟରେ ଘରର ସମସ୍ତ ସ୍ଥାବର ଅସ୍ଥାବର ଟି.ଭି. ଠାରୁ ଆରମ୍ଭ କରି ବାସନ କୁସନ ବିକିଲେ ମଧ୍ୟ ୧୨ ଲକ୍ଷ ଟଙ୍କା ମେଳ କରିବା ଅସମ୍ଭବ । ଅନ୍ୟ ପଟରେ ଓଡ଼ିଶାରୁ ଯାଇ ଫରିଦାବାଦ୍‌ରେ କେସ୍ ଲଢ଼ିବା ଆମ ପାଇଁ ଏକ ଅଗ୍ନି ପରୀକ୍ଷା ହୋଇଯାଇଛି । ଝିଅର ଘର ଓଡ଼ିଶାରେ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲେ ମଧ୍ୟ ତାଙ୍କ ବାପା ଫରିଦାବାଦ୍‌ରେ ଚାକିରୀ କରୁଥିବାରୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାଇ ମାମଲାଟି ଫରିଦାବାଦ୍‌ରେ ଚାଲିବ । ଯାହା ଏକ ଚିନ୍ତାର କାରଣ । ଗୋଟିଏ ପଟେ ଭାଇ ଆତ୍ମହତ୍ୟା କରିଦେବ ବୋଲି କହୁଥିବା ବେଳେ ଅନ୍ୟପଟେ ଘରେ ବଢ଼ିଲା ଝିଅ ବସିରହିଛି । ଆଇନ୍‌ଜୀବୀ ଆଗୁଆ ଜାମିନି ପାଇଁ ପଚାସ ହଜାର ଟଙ୍କା ଦାବି କରୁଛନ୍ତି । ଯାହାକୁ ଦେବା ଆମ ପାଖରେ ସମ୍ପୂର୍ଣ୍ଣ ଅସମ୍ଭବ ଅଟେ । ଏପରିସ୍ଥଳେ ଆମେ ବଞ୍ଚିବା କଷ୍ଟ ହୋଇ ପଡ଼ିଛି.............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।